## ସଂକ୍ଷେପରେ

### ସାଙ୍ଗକୁ ହାଣି ହତ୍ୟା କଲା ସାଙ୍ଗ

ରାସୋଳ,୨୧।୬(ଡି.ଏନ୍.ଏ.)- ଢେଙ୍କାନାଳ ଜିଲା ରାସୋଳ ଥାନା ଦଣ୍ଡିରି ପଞ୍ଚାୟତ ତଳବାହାଙ୍ଗିଆ ସାହିରେ ସୋମବାର ହତ୍ୟାକାଣ୍ଡ ଘଟିଛି। ମଦ୍ୟପାନ ପରେ ଜଣେ ସାଙ୍ଗ ଅନ୍ୟ ଜଣେ ସାଙ୍ଗକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି। ମୃତକ ହେଲେ କୁମ୍ଭ ବେହେରା। ଦଣ୍ଡିରି ପୂର୍ବତନ ସରପଞ୍ଚ ପୂର୍ଣ୍ଣ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁ କହିଛନ୍ତି, ତଳବାହାଙ୍ଗିଆର ନିର ପଧାନଙ୍କ ଘର ପାଖରେ ତାଙ୍କ ଝିଅ ଓ ଜ୍ୱାଇଁ ବିରଞ୍ଚି ବେହେରା ରହୁଥିଲେ। ବିରଞ୍ଚିଙ୍କ ସାଙ୍ଗ କୁମ୍ଭ ବେହେରା ମଧ ସେଠାରେ ରହୁଥିଲେ। ସୋମବାର ବିରଞ୍ଚି ଓ କୁମ୍ଭ ମଦ୍ୟପାନ କରବା ପରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ବିରଞ୍ଚି ଉତ୍ୟକ୍ତ ହୋଇ କୁମ୍ଭଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କୁମ୍ଭଙ୍କ ମୃତ୍ୟୁ ଘଟିଥିଲା। ରାସୋଳ ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇଛି। ଅନ୍ୟପଟେ ବିରଞ୍ଚିଙ୍କ ଶ୍ୱଶୁର ନିର ପ୍ରଧାନଙ୍କୁ ପୋଲିସ ଥାନାରେ ଅଟକ ରଖି ପୋଲିସ ପଚରା ଉଚରା କରୁଛି।

### ଛେଣ୍ଡିପଦାରେ ଯୁବବର୍ଗଙ୍କ ଟିକାକରଣ



ଛେଣ୍ଡିପଦା,୨୧।୬(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକରେ ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କ ଟିକାକରଣ ସୋମବାରଠାରୁ ଆରମ୍ଭ ହୋଇଛି। ବ୍ଲକର ୬ଟି ସ୍ଥାନରେ ଏଥିପାଇଁ ଟିକାଦାନ କରାଯାଉଛି। ପ୍ରଥମ ଦିନରେ ୮୩୮ ଜଣଙ୍କୁ ପ୍ରଥମ ଡୋଜ୍ ଦିଆଯାଇଛି। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୨୪, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୧୯୯, ପାତ୍ରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩୨, ବାଲିପଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୯୦, ଜରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮୦ ଏବଂ ଚାଙ୍ଗୁଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୧୩ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ସେହିଭଳି ୪୪ ବର୍ଷରୁ ଉର୍ଦ୍ଧ୍ୱ ୧୧୭୪ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରାଯାଇଛି।

### ରାସ୍ତା ସମସ୍ୟା ନେଇ ଦାବିପତ୍ର



ମାଧପୁର,୨୧।୬: ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତରୁ ଦେଉଳୀ ଗ୍ରାମକୁ ଯାଇଥିବା ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ଦଉଳୀ ଗ୍ରାମବାସୀ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୫ରୁ ୭ ଦିନ ଭିତର ଏ ନେଇ ପଦକ୍ଷେପ ନେବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଏହି ରାସ୍ତା ନିର୍ମାଣ କରିବାକୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରତିଶ୍ରୁତି ଦେଇଥିଲେ। ସେତେବେଳେ ଗ୍ରାମରେ ହେଉଥିବା ଯାତ୍ରାକୁ ଅତିଥି ଭାବେ ଆସିଥିବା ବିଧାୟକ ରାସ୍ତାର ଉନ୍ନତୀକରଣ କରାଯିବ ବୋଲି କହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ହେଲେ ଏଯାଏ ଏ ଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବା ପାଇଁ ଦାବି ହୋଇଛି। ଏ ନେଇ ବିଧାୟକଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

### ସଚେତନତା ରଥ ଶୁଭାରମ୍ଭ



ଆଠମଲ୍ଲିକ,୨୧।୬(ଡି.ଏନ୍.ଏ.): ଆଠମଲ୍ଲିକ ବନବିଭାଗ ପକ୍ଷରୁ ଘଡ଼ିଆଳ ସଚେତନତା ରଥକୁ ସୋମବାର ଡିଏଫ୍ଓ ଏସ୍. ଆନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ୪୦ ବର୍ଷ ପରେ ସାତକୋଶିଆରେ ଜନ୍ମ ନେଇଥିବା ୨୮ଟି କୁମ୍ଭୀରଙ୍କ ସୁରକ୍ଷା ପାଇଁ ଏହି ପ୍ରୟାସ କରାଯାଇଛି। ଆଠମଲ୍ଲିକ ଦେଇ ପ୍ରବାହିତ ମହାନଦୀ ସାତକୋଶିଆର ଉପର ମୁଣ୍ଡରେ ଥିବାରୁ ବର୍ଷା ସମୟରେ କୁମ୍ଭୀର ଆସିବାର ସମ୍ଭାବନା ରହିଛି। କେହି ମହାନଦୀ, ପାହାଡି ନାଳରେ କୁମ୍ଭୀର ଦେଖିଲେ ବନବିଭାଗକୁ ଖବର ଦେବାକୁ ସଚେତନ କରାଯାଉଛି। ଏଥିପାଇଁ ସୂଚନାଦାତାଙ୍କୁ ପୁରସ୍କାର ମଧ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଅଳିଆ ଉଠାରେ ଅସହଯୋଗ



ପୌର ପ୍ରଶାସନ ପକ୍ଷରୁ ଅନୁଗୋଳ ସହର ସଫେଇ କରାଯାଉଛି।

■ସଫେଇ କର୍ମଚାରୀ-ପୌରପାଳିକା ମଧରେ ବଢ଼ୁଛି ବିବାଦ

■ବିକଳ୍ପ ବ୍ୟବସ୍ଥାରେ କାର୍ଯ୍ୟ ଜାରି ରଖିଛନ୍ତି କର୍ତ୍ତୃପକ୍ଷ

■କେତେଜଣ ନୂଆ ଲୋକଙ୍କୁ ସାମିଲ କରିଛି ଠିକା ସଂସ୍ଥା

ଅନୁଗୋଳ ଅଫିସ, ୨୧।୬-

ଅନୁଗୋଳ ସହର ସଫେଇ ନେଇ ଦେଖାଦେଇଥିବା ବିବାଦର ସମାଧାନ ଏଯାଏ ହୋଇପାରି ନାହିଁ। ସଫେଇ କର୍ମଚାରୀ ସଂଘ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ କେତେଜଣ କର୍ମଚାରୀ ପୌର କର୍ତ୍ତୃପକ୍ଷଙ୍କୁ ଅସହଯୋଗ କରୁଛନ୍ତି। ବାରମ୍ବାର କାର୍ଯ୍ୟବନ୍ଦ କରି ନାଲିଆଖି ଦେଖାଉଛନ୍ତି। ସମ୍ପାଦକଙ୍କୁ ପୁନଃ କାର୍ଯ୍ୟରେ ରଖିବା ଓ ଥାନାରେ ହୋଇଥିବା ମାମଲା ପ୍ରତ୍ୟାହାର ପାଇଁ ସେମାନେ ଦାବି କରୁଛନ୍ତି। ହେଲେ ସଫେଇକୁ ପ୍ରାଥମିକତା ଦେଉଥିବା ପୌର କର୍ତ୍ତୃପକ୍ଷ କାର୍ଯ୍ୟରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଏପରି କି ନିଜ ଅଧୀନରେ ଥିବା କେତେଜଣ ସଫେଇ କର୍ମଚାରୀ ଓ ଠିକା ସଂସ୍ଥାର ଆଉ କେତେଜଣ ନୂଆ ଲୋକଙ୍କୁ ନେଇ ସହର ସଫେଇ କାର୍ଯ୍ୟ ଜାରି ରଖିଛନ୍ତି। ଏପରି ଘଟଣାକୁ ପୌର ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁତ୍ୱର ସହ ନେଇଛନ୍ତି। ଠିକା ସଂସ୍ଥାକୁ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାରୁ ସହଯୋଗର ହାତ ବଢ଼ାଯିବ। ଯଦି ଏଥିରେ ସହଯୋଗ ନ ମିଳେ ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାଇ ଦେଇଛନ୍ତି।

ପ୍ରକାଶ ଯେ, ଦୁଇ ସପ୍ତାହ ହେଲା ଅନୁଗୋଳ ପୌରାଞ୍ଚଳରେ ସଫେଇ କାର୍ଯ୍ୟକୁ ନେଇ ବିବାଦ ଦେଖିବାକୁ ମିଳୁଛି। ସହରର ୨୩ଟି ୱାର୍ଡ ପାଇଁ ୧୩୧ ଜଣ ଠିକା କର୍ମଚାରୀଙ୍କ ସହ ପୌରପାଳିକାର ନିଜସ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ସଫେଇକୁ ନେଇ ସହରବାସୀଙ୍କ ଅସନ୍ତୋଷ ପରେ ପୌର ପାଳିକା ପକ୍ଷରୁ ଠିକା ସଂସ୍ଥାର ୩ ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ବିଦା କରାଯିବାରୁ ବିବାଦ ଜଟିଳ ହୋଇଚାଲିଛି। ବିଦା ହୋଇଥିବା ସଫେଇ କର୍ମଚାରୀ ସଂଘ ସମ୍ପାଦକଙ୍କ ବିରୋଧରେ ନାନା ଅଭିଯୋଗ ଆସିଥିଲା। କାର୍ଯ୍ୟରେ ଅବହେଳା ସହ ବିଭିନ୍ନ ଅନିୟମିତତା, ସ୍ୱଚ୍ଛ ସାଥୀଙ୍କୁ ଦୁର୍ବ୍ୟବାହାର, ଆବର୍ଜନା ବିକ୍ରି କରିବା ନେଇ ସ୍ୱଚ୍ଛ ସାଥୀଙ୍କ ପାଖରୁ ଡ୍ରାଇଭରଙ୍କ ପର୍ଯ୍ୟନ୍ତ ସମସ୍ତେ ଲିଖିତ ଅଭିଯୋଗ କରିଥିଲେ। ତେବେ ସଫେଇ କାର୍ଯ୍ୟ ସୁରୁଖୁରରେ ହେବା ପାଇଁ ପ୍ରଶାସନ ଚୁପ୍ ରହିଥିଲା। କିନ୍ତୁ ସଂଘ ବାହାନାରେ ସଫେଇ କର୍ମଚାରୀମାନଙ୍କ ଅସହଯୋଗ ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ପୌର କର୍ତ୍ତୃପକ୍ଷ କଠୋର ହୋଇଛନ୍ତି। ଅନ୍ୟ ସଫେଇ କର୍ମଚାରୀଙ୍କୁ ସଂଘର ସମ୍ପାଦକ ଓ ଅନ୍ୟ ଦୁଇଜଣ ଧମକ ଦେବା ନେଇ ପୌର କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଠିକା ସଂସ୍ଥାର ସଫେଇ କର୍ମଚାରୀମାନେ ଆନ୍ଦୋଳନ କରି ମାମଲାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସଫେଇ କାର୍ଯ୍ୟ କରାଗଲେ ମାମଲା ପ୍ରତ୍ୟାହାର ହେବ ଓ ସଂଘ ସମ୍ପାଦକଙ୍କୁ ଏବେ ଯୋଗ ଦେବାକୁ ଦିଆଯିବ ନାହିଁ ବୋଲି ପୌର କର୍ତ୍ତୃପକ୍ଷ ସର୍ତ୍ତ ରଖିଥିଲେ। କିନ୍ତୁ ଠିକା ସଫେଇ କର୍ମଚାରୀମାନେ ଏଥିରେ ରାଜି ନ ହେବାରୁ ପୌର କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରି ସହର ସଫେଇ ଜାରି ରଖିଛନ୍ତି। ପୌର ସଂସ୍ଥାର ସଫେଇ କର୍ମଚାରୀ ଓ ସ୍ୱଚ୍ଛସାଥୀ ଘର ଘର ବୁଲି ଅଳିଆ ସଂଗ୍ରହ କରୁଛନ୍ତି। ଏଥିରେ ଠିକା ସଂସ୍ଥାର ୨୫ ଜଣ କର୍ମଚାରୀ ସୋମବାର ଠାରୁ ଯୋଗ ଦେଇଛନ୍ତି।

### ସଫେଇ ଦାୟିତ୍ୱ ଠିକା ସଂସ୍ଥାର



ଅନୁଗୋଳ ସହର ସଫେଇ ଦାୟିତ୍ୱ ଟେଣ୍ଡର କରାଯାଇ ଠିକା ସଂସ୍ଥାକୁ ପ୍ରଦାନ କରାଯାଇଛି। ସହର କିଭଳି ଭାବେ ପରିଷ୍କାର ରହିବ ତାହା ଠିକାସଂସ୍ଥାର ଦାୟିତ୍ୱ। ଉକ୍ତ ସଂସ୍ଥାକୁ ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ କରାଯାଉଛି। ଯଦି ସଂସ୍ଥା ସଫେଇ କରିପାରିବ ନାହିଁ, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ ତଥା ପୌର ପ୍ରଶାସକ

### କାର୍ଯ୍ୟରେ ହେଳା ସହ୍ୟ କରାଯିବ ନାହିଁ



ବିକଳ୍ପ ବ୍ୟବସ୍ଥାରେ ସହର ସଫେଇ କାର୍ଯ୍ୟ କରାଯାଉଛି। ଯେଉଁମାନେ ଅସହଯୋଗ କରିବେ, ସେମାନଙ୍କୁ ବରଖାସ୍ତ କରାଯିବ। ପୁରୁଣା ସଫେଇ କର୍ମଚାରୀମାନେ ଆସି କାର୍ଯ୍ୟ କଲେ ସେମାନଙ୍କୁ ସହଯୋଗ ଦିଆଯିବ। ଏଥିରେ କୌଣସି ପ୍ରକାର ହେଳାକୁ ସହ୍ୟ କରାଯିବ ନାହିଁ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ଜାଲିଆତି ଧରିଲେ ନାଲି ଆଖି



ସହର ସଫେଇ କାର୍ଯ୍ୟରେ ନିୟୋଜିତ କେତେଜଣ କର୍ମଚାରୀ ଜାଲିଆତି କରୁଥିଲେ। ଲୋକଙ୍କ ଘରୁ ସଂଗ୍ରହ ହେଉଥିବା ପ୍ଲାଷ୍ଟିକ ଓ କାଚକୁ ସେମାନେ ବାହାରେ ବିକ୍ରି କରୁଥିଲେ। ଏହା ଧରିବାରୁ ସଂଘର ସମ୍ପାଦକ ନାଲି ଆଖି ଦେଖାଇଥିଲେ। ବିଭିନ୍ନ ସମୟରେ ସଫେଇ କର୍ମଚାରୀମାନେ ଅସଯୋଗ କରି ଆସିଛନ୍ତି।

-ସସ୍ମିତା ସିଂହ, ସ୍ୱଚ୍ଛସାଥୀ

### ନୂଆ ଲୋକଙ୍କୁ ନେଇ କାମ ଜାରି ରହିଛି



ପୁରୁଣା ସଫେଇ କର୍ମଚାରୀମାନେ ଅସହଯୋଗ କରିବାରୁ ନୂଆ ଲୋକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଯାଏ ପୁରୁଣା କର୍ମଚାରୀମାନେ ସଂସ୍ଥା ନିକଟକୁ ଆସିନାହାନ୍ତି। ଯଦି ସେମାନେ କାର୍ଯ୍ୟ କରିବାକୁ ପୁଣିଥରେ ଆଗ୍ରହ ଦେଖାଇବେ ତା'ହେଲେ କାମ ଯୋଗାଇ ଦିଆଯିବ।

-ଶାନ୍ତନୁ ସ୍ୱାଇଁ, ଠିକା ସଂସ୍ଥା ସୁପରଭାଇଜର

## ଚିରିଦେଲେ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର

### ଭାଜପା ଜିଲା ସଭାପତି, କର୍ମୀଙ୍କ ନାମରେ ଏତଲା

ଅନୁଗୋଳ ଅଫିସ, ୨୧।୬

କେନ୍ଦ୍ର ସରକାର ବିନା ମୂଲ୍ୟରେ ସମସ୍ତଙ୍କ ପାଇଁ କୋଭିଡ୍ ଟିକା ଯୋଗାଇ ଦେଉଥିବା ବେଳେ ଅନୁଗୋଳ ଷ୍ଟାଡିୟମ ଟିକାକରଣ କେନ୍ଦ୍ରରେ କାହିଁକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୋଷ୍ଟର ଲାଗିବ। ଏପରି ପ୍ରଶ୍ନ କରିବା ସହ ଭାଜପା ନେତା ଓ କର୍ମୀମାନେ ସୋମବାର ପୂର୍ବାହ୍ନରେ ଟିକାଦାନ କେନ୍ଦ୍ରରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଚିରି ଦେଇଥିଲେ। ଏଥିଯୋଗୁ ଟିକାଦାନରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏ ନେଇ ଅନୁଗୋଳ ଅତିରିକ୍ତ ତହସିଲଦାର ଦୁର୍ଯ୍ୟୋଧନ ସାହୁଙ୍କ ଅଭିଯୋଗ କ୍ରମେ ଅନୁଗୋଳ ଥାନାରେ ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ୍ ଦାସ, ନମିତା ଦଳବେହେରାଙ୍କ ସହ ଅନ୍ୟକେତେଜଣଙ୍କ ନାମରେ ନଂ. ୩୨୩/୨୧ରେ ମାମଲା ରୁଜୁ ହୋଇଛି।

ସୂଚନା ମୁତାବକ, ଭାଜପା ଜିଲା ସଭାପତି ପ୍ରଧାନଙ୍କ ସମେତ କେତେଜଣ କର୍ମୀ ପୂର୍ବାହ୍ନରେ ଟିକା ନେବା ବାହାନାରେ ଷ୍ଟାଡିୟମସ୍ଥିତ ଟିକାକରଣ କେନ୍ଦ୍ର ଭିତରକୁ ଯାଇଥିଲେ। ହେଲେ କେହି କିଛି ବୁଝିବା ପୂର୍ବରୁ ସେମାନେ ସେଠାରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଚିରିବା ଆରମ୍ଭ କରିଥିଲେ। ଏହାଦେଖି ପୋଲିସ ସେମାନଙ୍କୁ କାବୁ କରିଥିଲା। ଏ ନେଇ ଜିଲା ସଭାପତି କହିଛନ୍ତି, କେନ୍ଦ୍ର ସରକାର ଟିକା ପ୍ରଦାନ କରୁଥିଲେ ମଧ ପ୍ରଶାସନ କାହିଁକି କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇଛି। ଏଠାରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲଗାଯିବା ଆବଶ୍ୟକ। ଯଦି ପ୍ରଶାସନ ଏଥିରୁ ନିବୃତ୍ତ ନ ରୁହେ, ଆଗକୁ ଜୋରଦାର ବିରୋଧ କରାଯିବ। ଅନ୍ୟମାନଙ୍କ ମଧରେ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଚିତ୍ତରଞ୍ଜନ ମେହେର, ସୁଦୀପ୍ତ ସ୍ୱାଇଁ, ସମୀର ରଞ୍ଜନ ପରିଡ଼ା, ଚନ୍ଦ୍ରକାନ୍ତ ଧଳ, ସରିତା ମିଶ୍ର, ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟ ଡାକଘରେ ଷ୍ଟାମ୍ପ ଉନ୍ମୋଚିତ

ଢେଙ୍କାନାଳ ଅଫିସ,୨୧।୬

ଭାରତୀୟ ଡାକ ବିଭାଗ ଢେଙ୍କାନାଳ ମୁଖ୍ୟ ଡାକଘର ପରିସରରେ ସୋମବାର ଯୋଗ ଦିବସ ଅବସରରେ ସ୍ପେଶାଲ କ୍ୟାନସେଲେଶନ ଷ୍ଟାମ୍ପ ଉନ୍ମୋଚନ ହୋଇଯାଇଛି। ହିନ୍ଦୀ ଓ ଇଂଲିଶ ଉଭୟ ଭାଷାରେ ଯୋଗ ଦିବସ-୨୦୨୧ ଲେଖାଥାଇ ଏକ ଚିତ୍ରିତ ରୂପାଙ୍କନ ସ୍ପେଶାଲ କ୍ୟାନସେଲେଶନ ଷ୍ଟାମ୍ପ କୋଭିଡ ନିୟମ ଅନୁସାରେ ଉନ୍ମୋଚିତ ହୋଇଥିଲା। ଏହାକୁ ଫିଲାଟେଲିଷ୍ଟ ଭବାନୀ ଶଙ୍କର ତ୍ରିପାଠୀ ଓ ଢେଙ୍କାନାଳ ଡାକମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାଶ ଏବଂ ଢେଙ୍କାନାଳ ମୁଖ୍ୟ ଡାକଘର ଡାକପାଳ ସୁରେନ୍ଦ୍ର ଚନ୍ଦ୍ର ସ୍ୱାଇଁ ଉନ୍ମୋଚନ କରିବା ସହିତ ସ୍ପେଶାଲ କ୍ୟାନସେଲେଶନ ଷ୍ଟାମ୍ପ ଉନ୍ମୋଚନ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଷ୍ଟାମ୍ପ ସଂଗ୍ରହକାରୀମାନଙ୍କ ପାଇଁ ମୂଲ୍ୟବାନ ଓ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ସାହାଯ୍ୟ କରିବ ବୋଲି ଅଧିକାରୀମାନ କହିଥିଲେ। ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର ଆଦି ଡାକବିଭାଗ ପରିସରରେ ପ୍ରାତଃକାଳୀନ ଯୋଗ ଶିବିର, ଔଷଧୀୟ ଚାରାରୋପଣ ଆଦି କାର୍ଯ୍ୟକ୍ରମ ହୋଇଥିଲା।



ସ୍ପେଶାଲ କ୍ୟାନ୍‌ସେଲେଶନ ଷ୍ଟାମ୍ପ ଉନ୍ମୋଚନ କରାଯାଉଛି।

## ଅନୁଗୋଳରେ ୧୨୧ ସଂକ୍ରମିତ

ଅନୁଗୋଳ ଅଫିସ,୨୧।୬

ଅନୁଗୋଳ ଜିଲାରୁ ସୋମବାର ୧୨୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୯ ହଜାର ୮୦୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂତନ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୨୧ ଜଣ ଥିବାବେଳେ, କଣିହାଁ ବ୍ଲକରୁ ୨୧, ବଣ୍ଟପାଳ ବ୍ଲକରୁ ୧୯, କିଶୋରନଗର ବ୍ଲକରୁ ୧୫, ଅନୁଗୋଳ ବ୍ଲକରୁ ୧୨, ଛେଣ୍ଡିପଦା ବ୍ଲକରୁ ୧୧, ଆଠମଲ୍ଲିକ ବ୍ଲକରୁ ୭, ତାଳଚେର ପୌରାଞ୍ଚଳରୁ ୫, ପାଲଲହଡ଼ା ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୪ ଓ ଆଠମଲ୍ଲିକ ଏନ୍‌ଏସିରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୭୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିଭଳି ଜିଲାରେ କରୋନାରେ ମୃତକଙ୍କ ସଂଖ୍ୟା ୧୬୦ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସ୍ୱୟଂ ସହାୟକ ଗୋଷ୍ଠୀ କରିବେ ମହୁଚାଷ



ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମହୁମାଛି ଥିବା ବାକ୍ସ ପ୍ରଦାନ କରାଯାଉଛି।

ଆଠମଲ୍ଲିକ,୨୧।୬(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ ହରିହରପୁର ବନସୁରକ୍ଷା ସମିତିର ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ପକ୍ଷରୁ ମହୁଚାଷ କରାଯିବ। ଏଥିପାଇଁ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ତାଲିମ ଦିଆସରିଛି। ସୋମବାର ଗୋଷ୍ଠୀର ୧୦ ବିପିଏଲ ପରିବାରକୁ ମହୁମାଛି ଭରା ମହୁବାକ୍ସ ସହିତ ଆନୁସଙ୍ଗିକ ଯନ୍ତ୍ରପାତି ଖଦି ଓ ଗ୍ରାମଦ୍ୟୋଗ ପ୍ରତିଷ୍ଠାନ ପକ୍ଷରୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ପରିବାରଙ୍କୁ ୧୦ଟି ଲେଖାଏ କରି ମୋଟ୍ ୧୦୦ଟି ମହୁବାକ୍ସ ପ୍ରଦାନ କରାଯାଇଛି। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଠମଲ୍ଲିକ ଶାଖା ସହଯୋଗରେ ହରିହରପୁରରେ ଆୟୋଜିତ ମହୁବାକ୍ସ ବଣ୍ଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଡିଏଫଓ ସୁବ୍ରମନୀ ଆନନ୍ଦ ଯୋଗଦେଇ ମହୁବାକ୍ସ, ଯନ୍ତ୍ରପାତି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ନିର୍ଦ୍ଦେଶକ ସମୀର ମହାନ୍ତି, ଉପନିର୍ଦ୍ଦେଶକ ବିଚିତ୍ରାନନ୍ଦ ପଣ୍ଡା, ଏସିଏଫ ଗୌରୀଶଙ୍କର ଦାଶ, ବୈଷୟିକ ବିଶେଷଜ୍ଞ ଗିରିଜା ଶଙ୍କର ଦାଶ, ତପନ ମଲ୍ଲିକ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ପ୍ରଶିକ୍ଷକ ବିଜୟ ବୀର, ରେଞ୍ଜ ଅଫିସର କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଂସମୁଣ୍ଡା ଖଣି କ୍ଷତିଗ୍ରସ୍ତଙ୍କ ଧାରଣା

କଣିହାଁ,୨୧।୬(ଡି.ଏନ୍.ଏ.)

ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣି ଓ ଗୋପାଳଜୀ ଖଣି କ୍ଷତିଗ୍ରସ୍ତ କଂସମୁଣ୍ଡା ଗ୍ରାମବାସୀ ୩ଟି ପର୍ଯ୍ୟାୟରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ଦୀର୍ଘବର୍ଷ ହେଲା ନ୍ୟାୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷଙ୍କ ବୈମାତୃକ ନୀତି ବିରୋଧରେ ସୋମବାର କ୍ଷତିଗ୍ରସ୍ତ ପ୍ରଜା ଟ୍ରଷ୍ଟ, କଂସମୁଣ୍ଡା ବାସିନ୍ଦା ଖଣି ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହାକୁ ସମର୍ଥନ କରି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ଖବରପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଧାରଣାସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରିବା ସହ ଉଚ୍ଚସ୍ତରୀୟ ବୈଠକରେ ଉପଯୁକ୍ତ କ୍ଷତିପୂରଣ, ପୁନର୍ବାସ, ଥଇଥାନ, ନିଯୁକ୍ତି କ୍ଷେତ୍ରରେ ସୁବ୍ୟବସ୍ଥା କରିବାକୁ ଆଲୋଚନା ହେବ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣାରୁ କ୍ଷତିଗ୍ରସ୍ତମାନେ ଓହରି ଥିଲେ। ଆନ୍ଦୋଳନର ନେତୃତ୍ୱ ନେଇଥିବା କ୍ଷତିଗ୍ରସ୍ତ ପ୍ରଜା ଟ୍ରଷ୍ଟ ସଭାପତି ଦେବଦତ୍ତ ପ୍ରସାଦ ପ୍ରଧାନ କହିଛନ୍ତି, ଉପଯୁକ୍ତ ନ୍ୟାୟ ମିଳିବ ବୋଲି ପୁନଃ ପ୍ରତିଶ୍ରୁତି ମିଳିଛି। ଅପରାହ୍ନରେ ରାଜିନାମାକୁ ନେଇ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଦାବି ପୂରଣ ନ ହେଲେ ପୁଣି ଥରେ ଆନ୍ଦୋଳନ କରାଯିବ।



ଧାରଣାରେ ବସିଥିବା ଖଣି କ୍ଷତିଗ୍ରସ୍ତ କଂସମୁଣ୍ଡା ଗ୍ରାମବାସୀ।

## ଗିରଫ ପ୍ରତିବାଦରେ ଖଣି ବନ୍ଦ ଆନ୍ଦୋଳନ

ତାଳଚେର,୨୧।୬ (ନି.ପ୍ର.)

ତାଳଚେରସ୍ଥିତ ଲିଙ୍ଗରାଜ କୋଇଲା ଖଣିରେ କାର୍ଯ୍ୟରତ ଏକ ଘରୋଇ ଠିକାସଂସ୍ଥାରେ ନିଯୁକ୍ତି ଦାବିରେ ଆନ୍ଦୋଳନ ଚଳାଇଥିବା ମହାନଦୀ କୋଲ୍ ଫିଲଡ୍ସ କଣ୍ଟ୍ରାକ୍ଟୁଆଲ ଟ୍ରାନ୍ସପୋର୍ଟ ୟୁନିୟନର ସାଧାରଣ ସମ୍ପାଦକଙ୍କ ସମେତ ୫ଜଣଙ୍କୁ ଗିରଫ କରାଯିବା ପ୍ରତିବାଦରେ ସଂଘ ସଦସ୍ୟମାନେ ସୋମବାର ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ଭରତପୁର, ଅନନ୍ତ, ଜଗନ୍ନାଥ, ଲିଙ୍ଗରାଜ ଓ ଭୁବନେଶ୍ୱରୀ ସମେତ ଅନ୍ୟ କୋଇଲା ଖଣିରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କୋଇଲା ଉତ୍ପାଦନ ଓ ପରିବହନ ବନ୍ଦ ରହିଛି।

ପ୍ରକାଶ ଯେ, ଖଣିରେ ମାଟି କାମ ନେଇଥିବା ଉକ୍ତ ଘରୋଇ ସଂସ୍ଥାରେ ଡ୍ରାଇଭର, ହେଲପର, ସୁପରଭାଇଜର ପଦବୀରେ ନିଯୁକ୍ତି ପାଇଁ ମହାନଦୀ କୋଲ୍ ଫିଲଡ୍ସ କଣ୍ଟ୍ରାକ୍ଟୁଆଲ ଟ୍ରାନସପୋର୍ଟ ୟୁନିୟନ ପକ୍ଷରୁ ବାରମ୍ବାର ଦାବି କରାଯାଇ ଥିଲା। କିନ୍ତୁ ଉକ୍ତ ସଂସ୍ଥା ସ୍ଥାନୀୟ ଲୋକଙ୍କୁ ଉପେକ୍ଷା କରି ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯିବା ସହ ଠିକା ସଂସ୍ଥା ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯାଇ ଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। କିନ୍ତୁ ସେମାନେ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ପୋଲିସ ସଂଘ ସାଧାରଣ ସମ୍ପାଦକ ନରହରି ସାହୁ, ଭରତ ଭୂଷଣ ରାଓ, ସହିଦ ଖାନ, ବ୍ରିଜ କିଶୋର ସିଂହ, ବିଶିକେସନ ଦାସଙ୍କୁ ଗିରଫ କରିଥିଲା। ଏହାର ପ୍ରତିବାଦରେ ସଂଘ ସଦସ୍ୟମାନେ ଆନ୍ଦୋଳନ କରି ସମସ୍ତ ଖଣିକୁ ଅଚଳ କରି ଦେଇଥିଲେ। ଏହାର ସମାଧାନ ପାଇଁ ସନ୍ଧ୍ୟାରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଉଛି। ଅପରପକ୍ଷରେ ସଂଘ ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ ୧୫ଜଣ ଲୋକ ଅଫିସ କ୍ୟାମ୍ପ ଭିତରେ ପଶି କର୍ମଚାରୀଙ୍କୁ ମାଡମାରିଥିବା ଠିକାସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।



ଆନ୍ଦୋଳନ ଯୋଗୁ ଖଣି କାର୍ଯ୍ୟ ବନ୍ଦ ରହିଛି।

## ଟିକା ନେଲେ ୧୩ ହଜାର ୮୧୦

ଅନୁଗୋଳ ଅଫିସ,୨୧।୬

ଅନୁଗୋଳ ଜିଲାରେ ସୋମବାର ବିଭିନ୍ନ ଟିକାଦାନ କେନ୍ଦ୍ରରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଏଭଳି କି ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିବା ଲୋକଙ୍କଠାରୁ ଟିକାଦାନ କେନ୍ଦ୍ରରେ ପଞ୍ଜୀକରଣ କରି ଟିକା ନେବା ଲୋକଙ୍କ ସଂଖ୍ୟା ବହୁମାତ୍ରରେ ଦେଖାଯାଇଥିଲା। ତେଣୁ ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ସୂଚନା ଜାରି କରାଯାଇଛି। କେବଳ ଅନୁଗୋଳ ଷ୍ଟାଡିୟମରେ ହେଉଥିବା ମେଗା ଟିକାଦାନ କେନ୍ଦ୍ରରେ ସ୍ପଟ ପଞ୍ଜୀକରଣ କରି ଟିକା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାର ଅନ୍ୟ ସମସ୍ତ ଟିକାଦାନ କେନ୍ଦ୍ରରେ ସ୍ପଟ ପଞ୍ଜୀକରଣ କରି ଟିକା ନେଉଥିବା ଲୋକଙ୍କୁ ଟିକା ପ୍ରଦାନ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଯେଉଁମାନେ ସ୍ଲଟ୍ ବୁକିଂ କରିଥିବେ ସେମାନଙ୍କୁ ଟିକା ପ୍ରଦାନ କରାଯିବ। ସୋମବାର ଜିଲାରେ ମୋଟ୍ ୧୩ ହଜାର ୮୧୦ ଜଣ ଟିକା ନେଇଥିବାବେଳେ ସେଥିରୁ କେବଳ ଅନୁଗୋଳ ଷ୍ଟାଡିୟମରେ ୨,୧୧୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି।

